ହରିୟାଣା ଷ୍ଟେଟ୍ ଏଲେକ୍ଟ୍ରିସିଟି ବୋର୍ଡ ଏବଂ ଅନ୍ୟଜଣେ

*ବନାମ*

ମହା ସିଂହ ଏବଂ ଅନ୍ୟଜଣେ

ଏପ୍ରିଲ 21, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ନିଯୁକ୍ତି - ଯେଉଁ ପରିବାରରୁ ଜମି ଅଧିଗ୍ରହଣ କରାଯାଇଥିଲା, ସେଥିରୁ ଜଣେ ସଦସ୍ୟଙ୍କୁ ନିଯୁକ୍ତି ଦେବା ପାଇଁ ହରିୟାଣା ବିଦ୍ୟୁତ୍ ମଣ୍ଡଳୀର ନୀତି - ଜମି ମାଲିକଙ୍କ ପୁଅର ବିଧବା ସ୍ତ୍ରୀଙ୍କୁ ନିଯୁକ୍ତ କରାଗଲା - ଚାକିରି ପାଇଁ ଅନ୍ୟ ପୁଅଙ୍କ ଦ୍ୱାରା ପରବର୍ତ୍ତୀ ଆବେଦନ - ତାଙ୍କ ନିଯୁକ୍ତି ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପ୍ରଦାନ କରିଥିଲେ - ଅପିଲ ଉପରେ ନିର୍ଣ୍ଣୟ କରାଯାଇଥିଲା, ଯେହେତୁ ଗୋଟିଏ ପୁଅର ବିଧବା ସ୍ତ୍ରୀଙ୍କୁ ପୂର୍ବରୁ ନିଯୁକ୍ତି ଦିଆଯାଇସାରିଛି, ସେହି ପରିବାରରୁ ଅନ୍ୟ ଜଣେ ସଦସ୍ୟଙ୍କ ନିଯୁକ୍ତି ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ - ତେଣୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ସଠିକ୍ ନଥିଲେ ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3137/1997 ।

C.W.P. ସଂଖ୍ୟା 1813/1996 ରେ ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 17.1.97 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ କେ. କେ. ଜୈନ, ଅଜୟ କେ. ଜୈନ, ଶଶି ଭୂଷଣ ଏବଂ ପ୍ରମୋଦ ଦୟାଲ ।

ଉତ୍ତରଦାତାମାନଙ୍କ ପକ୍ଷରୁ ଆର୍. କେ. ତଲୱାର ଏବଂ ଗୁଡୱିଲ ଇଣ୍ଡିଭର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

CWP ସଂଖ୍ୟା 1813/96ରେ 17 ଜାନୁଆରୀ, 1987 ତାରିଖରେ କରାଯାଇଥିବା ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ରାୟରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ ଅଧିଗ୍ରହଣ ନୀତି ଅନୁଯାୟୀ, ଯାହାର ଜମି ଅଧିଗ୍ରହଣ କରାଯାଇଛି, ତାଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଅପିଲକାରୀମାନେ ନିଯୁକ୍ତି ପ୍ରଦାନ କରିବା ଆବଶ୍ୟକ । ନିର୍ଦ୍ଧାରିତ ଶେଷ ତାରିଖ

ଡିସେମ୍ବର 13, 1991 ଥିଲା । ଉତ୍ତରଦାତାଙ୍କ ଭାଇ ତଥା ମାଲିକଙ୍କ ପୁଅ ସମଶେର ସିଂହ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ଯେହେତୁ ତାଙ୍କୁ ବିଚାରକୁ ନିଆଯାଇନଥିଲା, ସେ ଉଚ୍ଚ ନ୍ୟାୟାଳୟରେ ଏକ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟ ସମଶେର ସିଂହଙ୍କୁ ନିଯୁକ୍ତ କରିବା ପାଇଁ ମଣ୍ଡଳୀ-ଅପିଲକାରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତେବେ ନିଯୁକ୍ତି ହେବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଥିଲା । ଫଳସ୍ୱରୂପ, ତାଙ୍କ ପତ୍ନୀ ଶ୍ରୀମତୀ ସୁରେଶ ବାଲା ଆବେଦନ କରିଥିଲେ ଏବଂ ନିଯୁକ୍ତି ପାଇଥିଲେ । ପରବର୍ତ୍ତୀ ସମୟରେ, ଉତ୍ତରଦାତା ନିଯୁକ୍ତି ପାଇଁ ଆବେଦନ କରିଥିଲେ କିନ୍ତୁ ତାଙ୍କୁ ନିଯୁକ୍ତି ଦିଆଯାଇ ନଥିଲା କାରଣ ପୂର୍ବରୁ ସମଶେର ସିଂହଙ୍କ ବିଧବା ପତ୍ନୀଙ୍କୁ ନିଯୁକ୍ତି ଦିଆଯାଇସାରିଥିଲା । ଫଳସ୍ୱରୂପ ସେ ଆଜ୍ଞାଦେଶ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟାଳୟରେ ମଧ୍ୟ ସମାନ ଆଭିମୁଖ୍ୟ ଗ୍ରହଣ କରାଯାଇଛି । ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠ ନିର୍ଣ୍ଣୟ କରିଛନ୍ତି ଯେ ମାଲିକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ପ୍ରଦାନ କରାଯିବ, ଏହି ନୀତିକୁ ଦୃଷ୍ଟିରେ ରଖି ପ୍ରଥମ ଉତ୍ତରଦାତାଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ଥିଲା ଏବଂ ସୁରେଶ ବାଲାଙ୍କ ନିଯୁକ୍ତି ବେଆଇନ ଅଟେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଉତ୍ତରଦାତାମାନଙ୍କ ପକ୍ଷରୁ ବିଜ୍ଞ ଅଧିବକ୍ତା ଶ୍ରୀ ଗୁଡଓିଲ୍ ଇଣ୍ଡିଭର୍ ଯୁକ୍ତି ଦର୍ଶାଇଛନ୍ତି ଯେ ଉକ୍ତ ଜମି ଉତ୍ତରଦାତାଙ୍କ ମା'ଙ୍କର ଥିଲା ଏବଂ ସେ ସମଶେର ସିଂହଙ୍କ ନିଯୁକ୍ତି ପାଇଁ ସମ୍ମତି ଦେଇଥିଲେ । ତାଙ୍କ ମୃତ୍ୟୁ ପରେ, ସେ ତାଙ୍କ ଦ୍ୱିତୀୟ ପୁଅ, ଉତ୍ତରଦାତାଙ୍କ ନିଯୁକ୍ତି ପାଇଁ ସମ୍ମତି ଦେଇଥିଲେ । ଏହାର ଉଦ୍ଦେଶ୍ୟ ହେଉଛି ଅଧିଗ୍ରହଣ କାରଣରୁ ବିସ୍ଥାପିତ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରିବା । ଯେହେତୁ ସମଶେର ସିଂହ ମୃତ୍ୟୁବରଣ କରିଥିଲେ, ମାଲିକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଆବଶ୍ୟକ ନିଯୁକ୍ତି ଦିଆଯିବା ଉଚିତ୍ । ସମଶେରଙ୍କ ବିଧବା ପତ୍ନୀ ମାଲିକଙ୍କ ପରିବାରର ସଦସ୍ୟ ନୁହଁନ୍ତି । ତେଣୁ ତାଙ୍କ ନିଯୁକ୍ତି ଆଇନତଃ ବେଆଇନ ବୋଲି ଯୁକ୍ତି କରାଯାଉଛି ।

ତେବେ ବିଧବା ହୋଇଥିବାରୁ ସେ ତାଙ୍କ ସ୍ୱାମୀ ସମଶେର ସିଂହଙ୍କ ସ୍ଥାନରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ; ସ୍ୱୀକାରଯୋଗ୍ୟ, ତାଙ୍କ ସ୍ୱାମୀ ସମଶେର ସିଂହଙ୍କୁ ନିଯୁକ୍ତି ଦେବା ପାଇଁ ମଞ୍ଜୁରି ଦିଆଯାଇଥିଲା । ଅପିଲକାରୀମାନେ ତାଙ୍କ ଅନୁରୋଧକୁ ସ୍ୱୀକାର କରିଛନ୍ତି ଏବଂ ସୁରେଶ ବାଲାଙ୍କୁ ନିଯୁକ୍ତି ଦେଇଛନ୍ତି । ତାଙ୍କୁ ନିଯୁକ୍ତ କରାଯିବା ପରେ, ସମାନ ପରିବାରରୁ ଅନ୍ୟ ଜଣେ ସଦସ୍ୟଙ୍କ ନିଯୁକ୍ତି ପାଇଁ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ । ତେଣୁ, ଉତ୍ତରଦାତାଙ୍କୁ ନିଯୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ ।

ତଦନୁସାରେ ଅପିଲକୁ ଅନୁମତି ପ୍ରଦାନ କରାଗଲା । ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଅନୁମତି ପ୍ରଦାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ